ଧରିତ୍ରୀ
DHARITRI
ରବିବାର, ୩୦ ଅକ୍ଟୋବର ୨୦୨୨



## ୪ ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା, ୨୯।୧୦ (ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଶୁକ୍ରବାର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଠାକୁରଗଡ଼ ଗ୍ରାମର ସୁଶାନ୍ତ କୁମାର ଷଣ୍ଢ, ଆମ୍ବସରମୁଣ୍ଡା ଗ୍ରାମର ସୁଶୀଳା ପାତ୍ର, ଲଳିତା ନାୟକ ଓ ଜଣେ ୧୭ ବର୍ଷୀୟ ନାବାଳକ। ସେମାନଙ୍କ ନାମରେ ପୂର୍ବରୁ ମାମଲା ଥିବାବେଳେ ଦୀର୍ଘଦିନ ହେବ ଫେରାର ଥିଲେ। ଘରେ ଥିବା ଖବରପାଇ ଠାକୁରଗଡ଼ ଆଇଆଇସି ପୀତାମ୍ବର ମଲ୍ଲିକ ଚଢ଼ାଉ କରିଥିଲେ।

### ସଂକ୍ଷେପରେ

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଣିହାଁ,୨୯।୧୦(ଡି.ଏନ.ଏ.): ଅନୁଗୋଳ ଜିଲା ଏନ୍‌ଟିପିସି ଟାଉନ୍ ପୋଲିସ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଏନ୍‌ଟିପିସି ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି, ତାଳଚେର ସ୍କଟ୍‌ଲାଣ୍ଡପୁର ଗ୍ରାମର ଉପେନ୍ଦ୍ର ସାହୁ ବିଜିଗୋଳ ଗ୍ରାମରେ ଏକ ଭଡ଼ାଘରେ ପରିବାର ସହ ରହି ଏନ୍‌ଟିପିସିରେ ଠିକାସଂସ୍ଥାରେ କାର୍ଯ୍ୟ କରୁଥିଲେ। ଶନିବାର ସକାଳ ୮ଟା ସୁଦ୍ଧା ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ନିକଟସ୍ଥ ଏକ ପିଜୁଳି ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଏ ନେଇ ଥାନାକୁ ସୂଚନା ଦେବା ପରେ ପୋଲିସ ନଂ. ୭/୨୨ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ପ୍ରକାଶ କରିଛନ୍ତି।

## ବଳାତ୍କାର ଉଦ୍ୟମ, ଜଣେ ଗିରଫ

ବଇଣ୍ଡା,୨୯।୧୦(ଡି.ଏନ.ଏ.): କିଶୋରନଗର ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ହଣ୍ଡପା ଥାନା ପୋଲିସ ବାବୁଲା ବାଘଙ୍କୁ ଗିରଫ କରିଛି। ଆଇଆଇସି ନମିତା ନାୟକ କହିଛନ୍ତି, ସମ୍ପୃକ୍ତା ମହିଳା ଶୁକ୍ରବାର ରାତିରେ ଶୌଚ ପାଇଁ ଯାଉଥିବାବେଳେ ନିଛାଟିଆ ଅଞ୍ଚଳରେ ବାବୁଲା ତାଙ୍କୁ ଅଟକାଇ ବଳାତ୍କାର ଉଦ୍ୟମ କରିଥିବା ମହିଳା ଜଣକ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୯୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରି ବାବୁଲାଙ୍କୁ ଗିରଫ କରିଛି।

## ଟ୍ରାନ୍ସଫର୍ମର ଚୋରି ଅଭିଯୋଗ

ବଇଣ୍ଡା,୨୯।୧୦(ଡି.ଏନ.ଏ.): କିଶୋରନଗର ଥାନା ବ୍ରାହ୍ମଣୀଦେଇ ଗ୍ରାମର କଟଙ୍ଗନାଳ ସାହିରେ ଲାଗିଥିବା ୧୦ କେଭିର ଟ୍ରାନ୍ସଫର୍ମର ଶୁକ୍ରବାର ରାତିରେ ଚୋରି ହୋଇଯାଇଛି। କେତେଜଣ ଦୁର୍ବୃତ୍ତ ଏହି ଟ୍ରାନ୍ସଫର୍ମର ଚୋରି କରି ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ସକାଳେ ଟ୍ରାନ୍ସଫର୍ମର ନ ଥିବା ଦେଖି ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ସୂଚନା ଦେଇଥିଲେ। ପରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାନ୍ସଫର୍ମର ଚୋରି ହୋଇଥିବା ଦେଖିଥିଲେ। ଏହାପରେ କିଶୋରନଗର ଥାନାରେ ବାମୁର ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ଲିଙ୍ଗରାଜ ବେହେରା ଅଭିଯୋଗ କରିଛନ୍ତି।

## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା,୨୯।୧୦(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଲକ୍ଷ୍ମୀପୁର ଗ୍ରାମର କୁନି ସେଠୀଙ୍କୁ ତାଙ୍କ ସ୍ୱାମୀ ଆନନ୍ଦ ସେଠୀ ଓ ଖୁଡ଼ିଶାଶୁ ବାସନ୍ତୀ ସେଠୀ ନିର୍ଯାତନା ଦେଉଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୬୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କୁନି ୧୦ ବର୍ଷ ପୂର୍ବେ ଆନନ୍ଦଙ୍କୁ ବିବାହ କରିଥିଲେ। କିଛିମାସ ହେବ ତାଙ୍କୁ ଆନନ୍ଦ ଓ ବାସନ୍ତୀ ମାଡ଼ ମାରିବା ସହ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ସ୍ଥାୟିତ୍ୱ ନେଇ ସନ୍ଦେହ


ଶୁଖିଲା ପଡ଼ିଥିବା ପୋଖରୀ।

- ଶ୍ରୀହୀନ ହେଲାଣି ଛେଣ୍ଡିପଦା ବାୟାଣୀ ପୀଠ ପର୍ଯ୍ୟଟନସ୍ଥଳ
- ବିକାଶ ପାଇଁ ଖର୍ଚ୍ଚ ହୋଇଥିଲା ୨ କୋଟିରୁ ଅଧିକ ଅର୍ଥ
- ପୋଖରୀରେ ପାଣି ନାହିଁ, ବୋଟିଂ ପ୍ରକଳ୍ପ ଅଚଳ

ଛେଣ୍ଡିପଦା, ୨୯।୧୦ (ଡି.ଏନ.ଏ.)

ଅନୁଗୋଳ ଜିଲାରେ ପର୍ଯ୍ୟଟନକୁ ନୂଆ ଦିଶା ଦେବାକୁ କିଛିବର୍ଷ ହେଲା ଉଦ୍ୟମ ହେଉଛି। ଏଥିପାଇଁ ସହର ଓ ଗ୍ରାମାଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ଉନ୍ନତୀକରଣ କରାଯାଉଛି। ଏପରି କି ଦେବଦେବୀ ପୀଠ ଓ ଏହା ନିକଟରେ ଥିବା ପର୍ଯ୍ୟଟନ ସ୍ଥାନଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବାକୁ ବହୁ କୋଟି ଟଙ୍କା ବ୍ୟୟ କରାଯାଉଛି। ଗତ ୨ ବର୍ଷ ମଧ୍ୟରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାସ୍ଥିତ ବାୟାଣୀ ପୀଠର ବିକାଶ କରାଯାଇଥିଲା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏଠାରେ ନୂଆ ନୂଆ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲ। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବାୟାଣୀପୀଠର ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକ ଶ୍ରୀହୀନ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏପରି କି ଖୋଳାଯାଇଥିବା ପୋଖରୀରେ ଆବଶ୍ୟକ ପାଣି ନ ଥିବାବେଳେ ବୋଟିଂ ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ଫଳରେ ଏହି ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତରେ ରହିଛି ମା' ବାୟାଣୀଙ୍କ ପୀଠ। ଦେବୀନଗର ପାହାଡ଼ ତଳେ ଥିବା ଏହି ପୀଠର ପରିବେଶ ଅତ୍ୟନ୍ତ ମନୋରମ ହୋଇଥିବାରୁ ଜିଲା ଓ ବାହାର ଅଞ୍ଚଳରୁ ବର୍ଷତମାମ ପର୍ଯ୍ୟଟକ ଆସିଥାନ୍ତି। ବିଶେଷକରି ଚୈତ୍ରମାସରେ ପଡୁଥିବା ମା'ଙ୍କ ବାର୍ଷିକ ଯାତ୍ରାରେ ସାମିଲ ହେବାକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟେ। ସେହିପରି ବଣଭୋଜି ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ପର୍ଯ୍ୟଟନ ଋତୁରେ ଦୈନିକ ଶତାଧିକ ପର୍ଯ୍ୟଟକଙ୍କ ଆଗମନ ହୁଏ। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବାୟାଣୀ ପୀଠ ନିକଟ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟ ହାତକୁ ନିଆଯାଇଥିଲା। ୨ କୋଟିରୁ ଅଧିକ ଟଙ୍କା ବ୍ୟୟରେ ପାର୍କ, ପୋଖରୀ, ବୋଟିଂ, ପର୍ଯ୍ୟଟକଙ୍କ ବସିବା ପାଇଁ ବେଞ୍ଚ, ପିଣ୍ଡି, ଫୁଲ ବଗିଚା ଆଦି କରାଯାଇଥିଲା। ଫଳରେ ପୂର୍ବାପେକ୍ଷା ଅଧିକ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସୁଥିବା ଲକ୍ଷ୍ୟ କରାଯାଇଥିଲା। ହେଲେ ପଞ୍ଚାୟତ ଓ ପ୍ରଶାସନ ପକ୍ଷରୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହି ପର୍ଯ୍ୟଟନସ୍ଥାନ ଏବେ ଶ୍ରୀହୀନ ହୋଇପଡୁଥିବା ଅଭିଯୋଗ ହେଉଛି। ଖୋଳାଯାଇଥିବା ପୋଖରୀରେ ଆବଶ୍ୟକ ପାଣି ନାହିଁ। ବୋଟିଂ ପାଇଁ ଥିବା ବୋଟ ଅଚଳ ହୋଇପଡ଼ିଛି। ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ମନ ଊଣା କରି ଫେରୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନ ଦିଆଯିବାକୁ ଦାବି ହେଉଛି।

### ପଞ୍ଚାୟତ ପକ୍ଷରୁ ଧ୍ୟାନ ଦିଆଯାଉଛି



ବାୟାଣୀ ପୀଠର ବିକାଶ ଉପରେ ପାତ୍ରପଡ଼ା ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ପୂର୍ବରୁ କରାଯାଇଥିବା ପ୍ରକଳ୍ପଗୁଡିକର ପ୍ରଥମ ପର୍ଯ୍ୟାୟ ନବୀକରଣ ଆରମ୍ଭ ହୋଇଛି। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।

-ରଶ୍ମିତା ପ୍ରଧାନ, ପାତ୍ରପଡ଼ା ସରପଞ୍ଚ

### ଉପଯୁକ୍ତ ତଦାରଖ କରାଯାଉ ନାହିଁ



ବାୟାଣୀ ପୀଠର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। କିନ୍ତୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ତଦାରଖ କରାଯାଉ ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। କେଉଁ ସ୍ଥାନରେ ବିକାଶ କାର୍ଯ୍ୟ କରାଗଲେ ପର୍ଯ୍ୟଟନ କ୍ଷେତ୍ରର ଶୋଭାବର୍ଦ୍ଧନ ହେବ, ସେ ନେଇ ପୂର୍ବରୁ ଯୋଜନା କରାଯାଉ ନାହିଁ। ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ।

-ପବିତ୍ର ମୋହନ ସାହୁ, ପିପଳବାହଳ

## ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ

ଆଠମଲ୍ଲିକ, ୨୯।୧୦ (ଡି.ଏନ.ଏ.)

ସିଆରପିସିର ବିଭିନ୍ନ ଧାରାକୁ ନେଇ ଶନିବାର ପୂର୍ବାହ୍ନରେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଜିଷ୍ଟ୍ରେଟ ଓ ପୋଲିସ କିଭଳି ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ ତାହା ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଚିନ୍ତାମଣି ପ୍ରଧାନ, ସହକାରୀ ଜିଲାପାଳ କୁଳମଣି ଦଳେଇ, ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ଅସିତ୍ ରଞ୍ଜନ ଦେଓ, ବାମନ କୁମାର ମିଶ୍ର, ସରକାରୀ ଓକିଲ ଅବନୀ କୁମାର ଆଚାର୍ଯ୍ୟ, ଆଠମଲ୍ଲିକ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ଦାସ, କିଶୋରନଗର ଥାନା ଭାରପ୍ରାପ୍ତ ଅଧିକାରୀ ଲବ ବୋଡା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଅନୁଗୋଳ ଅଫିସ, ୨୯।୧୦

ଅନୁଗୋଳ ସହରର ଜନୈକା ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ମା' ଜଣେ ନାବାଳକଙ୍କ ବିରୋଧରେ ଏହି ଅଭିଯୋଗ କରିବା ପରେ ଅନୁଗୋଳ ଥାନାରେ ନଂ. ୫୭୫/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ନାବାଳକଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ପୋଲିସ କହିଛି, ସମ୍ପୃକ୍ତା ଯୁବତୀଙ୍କ ସହ ନାବାଳକଙ୍କ ପ୍ରେମ ସମ୍ପର୍କ ଥିଲା। କିନ୍ତୁ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ଅଭିଯୁକ୍ତ ତାହାକୁ ଭାଇରାଲ କରିବାକୁ ଧମକ ଦେଇ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## କାରାଗାରରେ ଆଧ୍ୟାତ୍ମିକ ଆଲୋଚନା

ଅନୁଗୋଳ ଅଫିସ, ୨୯।୧୦

ଅନୁଗୋଳ ଜିଲା ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ଓ ମାତୃନିକେତନ ଆନୁକୂଲ୍ୟରେ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ୧୫୦ ଜୟନ୍ତୀ ପାଳନ ଅବସରରେ ଜିଲା ମୁଖ୍ୟ କାରାଗାରର ସମସ୍ତ ଅନ୍ତେବାସୀଙ୍କୁ ନେଇ ଏକ ଆଧ୍ୟାତ୍ମିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଲତା ପ୍ରଧାନ ମାତୃ ସଙ୍ଗୀତ ନିବେଦନ କଲା ପରେ ଜିଲା ମୁଖ୍ୟ ପରିଚାଳିକା ସୁଚିତ୍ରା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସୁନୀଲ କୁମାର ପୃଷ୍ଟି, ଡ. ଇନ୍ଦିରା ଦାସ ଶ୍ରୀ ଅରବିନ୍ଦଙ୍କ ପୂର୍ଣ୍ଣଯୋଗ ବିଷୟକୁ ଆଧାର କରି ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ମଣିଷର ଜୀବନ ଶୈଳୀ କିପରି ପ୍ରଭାବିତ ହୋଇଥାଏ ତାହା ଅନ୍ତେବାସୀଙ୍କୁ ବୁଝାଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସୁନୀଲ କୁମାର ପୃଷ୍ଟି ଅନ୍ତେବାସୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ପ୍ରଦୀପ କୁମାର ସାହୁ, ଶରତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଙ୍ଗଠନର ଅକ୍ଷୟ କୁମାର ବିଶ୍ୱାଳ, ଅରବିନ୍ଦ ପ୍ରଧାନ, ଗୀତାଞ୍ଜଳି ରାଉତ, ରବିନାରାୟଣ ସେଠୀ ପ୍ରମୁଖ ସହାୟତା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

## ସ୍ୱାସ୍ଥ୍ୟ ସଚିବଙ୍କୁ ତାଳଚେରବାସୀଙ୍କ ଚିଠି

### ମେଡିକାଲ କଲେଜ କାର୍ଯ୍ୟକ୍ଷମ ପ୍ରସଙ୍ଗ

ତାଳଚେର, ୨୯।୧୦ (ନି.ପ୍ର.)

ସରକାରୀ ପରିଚାଳନାରେ ତାଳଚେର ମେଡିକାଲ କଲେଜ କେବେ କାର୍ଯ୍ୟକ୍ଷମ ହେବ, ତାହାର ଅଗ୍ରଗତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବାକୁ ତାଳଚେରବାସୀଙ୍କ ପକ୍ଷରୁ ଏକ ଖୋଲା ଚିଠି ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ପଠାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, କେବଳ ଅଗ୍ରଗତି ବାବଦରେ ନୁହେଁ, ନିର୍ମାଣ ହୋଇଥିବା କୋଠାବାଡ଼ିର ଯଥାରୀତି ରକ୍ଷଣାବେକ୍ଷଣ ଓ ସ୍ୱାସ୍ଥ୍ୟ ସେବା ଆରମ୍ଭ ନିମନ୍ତେ ଡାକ୍ତର, ନର୍ସିଂ ଷ୍ଟାଫ, ଫାର୍ମାସିଷ୍ଟ, ପାରାମେଡିକାଲ୍ କର୍ମଚାରୀ, ବିଭିନ୍ନ ଯନ୍ତ୍ରପାତି ଚଳାଇବା ନିମନ୍ତେ ପ୍ରଶିକ୍ଷିତ କର୍ମଚାରୀ, ସଫେଇ ଓ ସୁରକ୍ଷା ସମେତ ବିଭିନ୍ନ ବର୍ଗର କର୍ମଚାରୀ, କିରାଣି ଓ ପ୍ରଶାସନିକ ଅଧିକାରୀ ନିଯୋଜନ, ବ୍ଲଡ ବ୍ୟାଙ୍କ, ଔଷଧ, ଯନ୍ତ୍ରପାତି ଯୋଗାଣ, ତଦାରଖ ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ଚିଠିରେ ଅନୁରୋଧ କରାଯାଇଛି। ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ରଞ୍ଜିତ କୁମାର ମହାପାତ୍ର, ପଦ୍ମ ଚରଣ ସାମଲ, ପ୍ରଦୀପ ମହାରଣା, ଜିତେନ୍ଦ୍ର ମହାପାତ୍ର, ଦେବାଶିଷ ପରିଡା, ଭୂପେନ ଥମ୍ବଙ୍କ ସମେତ ବହୁ ଅଧିବାସୀ ଏଥିରେ ଦସ୍ତଖତ କରିଛନ୍ତି।

## ଧୁମଧାମରେ ହେବ ପୂଜା, ଭସାଣି

- ତାଳଚେର ନଗରରେ କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି
- ୪ରୁ ୧୨ ତାରିଖ ଯାଏ ଅନୁଷ୍ଠିତ ହେବ
- ୧୩ ତାରିଖରେ ପୁରସ୍କାର ବିତରଣ ଉତ୍ସବ

ତାଳଚେର, ୨୯।୧୦ (ନି.ପ୍ର.)





ତାଳଚେର ସହରରେ ଧୁମ୍‌ଧାମରେ କାର୍ତ୍ତିକେଶ୍ୱର ଓ ରାଧାକୃଷ୍ଣଙ୍କ ପୂଜା ପାଳନ କରାଯିବ। ଏଥିପାଇଁ ତାଳଚେର ନଗର କାର୍ତ୍ତିକେଶ୍ୱର ପୂଜା କମିଟିର ଏକ ବୈଠକ ଶନିବାର ହିଙ୍ଗୁଳା କ୍ଲବଠାରେ ସଭାପତି ଦେବୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକେଶ୍ୱର ପୂଜା ଓ ରାଧାକୃଷ୍ଣ ପୂଜା କମିଟି ସଭାପତି, ସମ୍ପାଦକ ଓ ସଦସ୍ୟମାନଙ୍କ ଉପସ୍ଥିତିରେ ପୂଜା ସମ୍ପର୍କରେ ଆଲୋଚନା ହୋଇଥିଲା। ନଭେମ୍ବର ୪ରୁ ପୂଜା ଆରମ୍ଭ ହୋଇ ୧୨ ତାରିଖ ଯାଏ ଚାଲିବ। ୧୨ ତାରିଖରେ ଭସାଣି ପାଇଁ ସମସ୍ତ ମେଢ଼ ବଡ଼ଦାଣ୍ଡ ସାହିସ୍ଥିତ ମେଳଣ ପଡ଼ିଆରେ ଏକତ୍ର ହେବେ। ଅପରାହ୍ନ ୧ଟା ୩୦ରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇ ରାତି ୮ଟା ଯାଏ ଚାଲିବ। ଭସାଣି ଦିନ ପୂର୍ବାହ୍ନ ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟରେ ସଭାକାର୍ଯ୍ୟ ଓ ଆଞ୍ଜାଲଡୁ ନିଲାମ କାର୍ଯ୍ୟକ୍ରମ ଶେଷ କରାଯିବ। ପରେ ଭସାଣି ଶୋଭାଯାତ୍ରା ଆରମ୍ଭ କରାଯିବ। ତେବେ ଶୋଭାଯାତ୍ରାରେ ଡି.ଜେ. ସାଉଣ୍ଡକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ମୂର୍ତ୍ତି ସାଜସଜ୍ଜା ଓ ଭସାଣିର ପୁରସ୍କାର ବିତରଣ ଉତ୍ସବ ୧୩ ତାରିଖ ସନ୍ଧ୍ୟା ୭ଟା ସମୟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। କମିଟି ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ବୈଠକ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଯୁଗଳ କିଶୋର ରାୟ, ଉପଦେଷ୍ଟା ବଳରାମ କୁଣ୍ଡ, ତୁଷାର ରଞ୍ଜନ ପାଲଟାସିଂହ, ନିଶାକର କୁଅଁର, ଦୟାସାଗର ମିଶ୍ର, ଉପସଭାପତି କେଶବ ଭୂତିଆ, ସୌଭାଗ୍ୟ ମହାରଣା, ସମ୍ପାଦକ ଆନନ୍ଦ ମହାରଣା, ଦୀପକ ରାଉତ, ସୁକାନ୍ତ ରାଏ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, କମିଟିର କାର୍ଯ୍ୟକାରୀ ସଭ୍ୟ ସର୍ବେଶ୍ୱର କୁଅଁର, କମଳ ରାଉତ, ସିଦ୍ଧେଶ୍ୱର କୁଅଁର, ଜିତେନ ପଣ୍ଡା, ସଞ୍ଜୟ ମହାପାତ୍ର, ରଞ୍ଜନ ଭୂତିଆ, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମସ୍ତିଷ୍କାଘାତର ନିରାକରଣ ଉପରେ ଆଲୋକପାତ

ଅନୁଗୋଳ ଅଫିସ, ୨୯।୧୦

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶିକ୍ଷଣ ଗୃହଠାରେ ବିଶ୍ୱ ମସ୍ତିଷ୍କାଘାତ (ଷ୍ଟ୍ରୋକ୍) ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି ଅଧ୍ୟକ୍ଷତା କରି ଦିବସ ପାଳନର ତାତ୍ପର୍ଯ୍ୟ ତଥା ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଉଚ୍ଚ ରକ୍ତଚାପ, ମଧୁମେହ, ଧୂମ୍ରପାନ, ମଦ୍ୟପାନ, ମୋଟାପଣ ଆଦି ମସ୍ତିଷ୍କାଘାତର ମୁଖ୍ୟ କାରଣ। ଏପିଡେମିଓଲୋଜିଷ୍ଟ ଡା. ବିନୋଦ ସାହୁ ଷ୍ଟ୍ରୋକ୍‌ର ପ୍ରମୁଖ ଲକ୍ଷଣକୁ ଜାଣିବା ନିମନ୍ତେ ସରଳ ଉପାୟ ବୁଝାଇଥିଲେ। ଠିକ୍ ସମୟରେ ଚିକିତ୍ସା କରାଗଲେ ମସ୍ତିଷ୍କାଘାତକୁ ନିୟନ୍ତ୍ରଣରେ ରଖାଯାଇପାରିବ ବୋଲି ସେ କହିଥିଲେ। ଡିପିଏଚ୍‌ଓ ଡା. ଧନଞ୍ଜୟ ବେହେରା ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ସନ୍ତୁଳିତ ଖାଦ୍ୟ ସେବନ, ନିୟମିତ ବ୍ୟାୟାମ, ପ୍ରାତଃ ଭ୍ରମଣ କରିବା ଆବଶ୍ୟକ ବୋଲି କହିଥିଲେ। ଜିଲା ମ୍ୟାଲେରିଆ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ଖାଦ୍ୟ ପ୍ରସ୍ତୁତିରେ ଲୁଣ ଓ ତେଲର ପରିମାଣ କମ୍ କରିବା ସହ ଗୋଟିଏ ପ୍ରକାର ତେଲ ବ୍ୟବହାର ନ କରି ବିଭିନ୍ନ ପ୍ରକାର ତେଲ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ପାରାମେଡିକାଲ ଷ୍ଟାଫ୍, ସିଏଚ୍‌ଓ, ନର୍ସିଂ ଛାତ୍ରୀ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଅଦିତ ତ୍ରିପାଠୀ ଓ ସହକାରୀ ଜନ ସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମସ୍ତିଷ୍କାଘାତର ନିରାକରଣ ସମ୍ପର୍କରେ ସଚେତନ କରାଯାଉଛି।

## କୋରମ ଅଭାବରୁ ପୌର ବୈଠକ ବାତିଲ

ଅନୁଗୋଳ ଅଫିସ, ୨୯।୧୦




- ପୂର୍ବ ସୂଚନା ସତ୍ତ୍ୱେ ଆସିଥିଲେ ମାତ୍ର ୩ କାଉନସିଲର
- ଘଣ୍ଟାଏ କାଳ ଅପେକ୍ଷା, କରାଗଲା ଫୋନ
- ଟିଫିନ୍ ଧରି ଘରକୁ ଫେରିଲେ ପୌରାଧ୍ୟକ୍ଷ

ପୌର ପରିଷଦ ବୈଠକ ୨୯ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିର କରାଯାଇଥିଲା। ଏ ନେଇ କାଉନ୍‌ସିଲରମାନଙ୍କୁ ଜଣାଇ ଦିଆଯାଇଥିଲା। ହେଲେ ଶନିବାର ବୈଠକକୁ ଆସିଥିଲେ ମାତ୍ର ୩ କାଉନସିଲର। ଫଳରେ ଘଣ୍ଟାଏ ଧରି ଅପେକ୍ଷା ପରେ ଶେଷରେ କୋରମ ଅଭାବରୁ ବୈଠକକୁ ବାତିଲ କରାଯାଇଥିଲା। ଘରୁ ଟିଫିନ ଧରି ଆସିଥିବା ପୌରାଧ୍ୟକ୍ଷ ସେହି ଟିଫିନ ଧରି ଘରକୁ ଫେରିଯାଇଥିଲେ। ଅନୁଗୋଳ ପୌର ଇତିହାସରେ ଏପରି ଘଟଣା ବିରଳ ବୋଲି କୁହାଯାଉଥିବା ବେଳେ ପୌରାଧ୍ୟକ୍ଷ ଓ କାଉନସିଲରଙ୍କ ମଧ୍ୟରେ ସମ୍ପର୍କ ଯେ ଠିକ୍‌ଠାକ୍ ନାହିଁ, ସେ ନେଇ ସହରରେ ଜୋରଦାର ଆଲୋଚନା ଚାଲିଛି।

ଅନୁଗୋଳ ପୌରପାଳିକାରେ ୨୩ଟି ୱାର୍ଡ ରହିଛି। ଶାସକ ବିଜେଡିର ୧୦ କାଉନ୍‌ସିଲର ଥିବାବେଳେ ଉପାଧ୍ୟକ୍ଷାଙ୍କୁ ମିଶାଇ ଭାଜପାର ୧୩ ଜଣ କାଉନସିଲର ରହିଛନ୍ତି। କିନ୍ତୁ ଶନିବାର ବୈଠକକୁ କେବଳ ୧, ୨ ଓ ୫ନଂ. ୱାର୍ଡର କାଉନସିଲର ଆସିଥିଲେ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପୌର ନିର୍ବାହୀ ଅଧିକାରୀ ବୈଠକ ପାଇଁ ଅପେକ୍ଷା କରିଥିଲେ। ଅନ୍ୟ ୩ କାଉନ୍‌ସିଲର ମଧ୍ୟ ଜଗି ବସିଥିଲେ। ଯେଉଁମାନେ ଅନୁପସ୍ଥିତ ରହିଥିଲେ, ସେମାନଙ୍କୁ ପୌରାଧ୍ୟକ୍ଷଙ୍କ ସମେତ ଅନ୍ୟମାନେ ବାରମ୍ବାର ଫୋନ୍ କରିଥିଲେ। ହେଲେ ବିଭିନ୍ନ କାମର ଆଳ ଦେଖାଇ କିଏ ଆସିବାକୁ ମନା କରିଦେଇଥିଲେ ତ ଆଉ କିଏ ସିଧା ମନା କରିଦେଇଥିଲେ। ଫଳରେ ବୈଠକକୁ ବାତିଲ କରିଦିଆଯାଇଥିଲା। ଘଟଣା ସମ୍ପର୍କରେ ଅନୁପସ୍ଥିତ କେତେଜଣ କାଉନସିଲର କହିଛନ୍ତି, ପାର୍ବଣ ସମୟରେ ବୈଠକ କରାଗଲା ନାହିଁ। ପୌରାଧ୍ୟକ୍ଷଙ୍କ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଏହା ପୂର୍ବରୁ ଦିଆଯାଇଥିବା ତାରିଖରେ ବୈଠକ କରାଗଲା ନାହିଁ। ଏବେ ପୌରାଧ୍ୟକ୍ଷ ପୁଣି ବୈଠକ ଡାକୁଛନ୍ତି। ସେ ମନଇଚ୍ଛା ପୌରପାଳିକା ଚଳାଇବାକୁ ଉଦ୍ୟମ କରୁଛନ୍ତି। ଆମେ ବି ଲୋକଙ୍କ ପ୍ରତିନିଧି। ସେମାନଙ୍କ ସୁବିଧା ଓ ଅସୁବିଧା ପୌରପାଳିକା ବୈଠକରେ ଉପସ୍ଥାପନ କରିବା ଆମର ଦାୟିତ୍ୱ। ହେଲେ କାହା ଇଙ୍ଗିତରେ ପୌରପାଳିକା ଚାଲିବ ତାହା ବରଦାସ୍ତ କରାଯିବ ନାହିଁ ବୋଲି ସମ୍ପୃକ୍ତ କାଉନସିଲରମାନେ ପ୍ରକାଶ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଏକ ଘଣ୍ଟା ଅପେକ୍ଷା କରାଗଲା। ଆବଶ୍ୟକ ସଂଖ୍ୟା ନ ହେବାରୁ ବୈଠକ ହୋଇପାରିଲା ନାହିଁ। ମତାନ୍ତର ଓ ମନାନ୍ତର ରହିଲେ ସହର ବିକାଶରେ ବାଧା ସୃଷ୍ଟିହେବ। ତେଣୁ ଲୋକ ପ୍ରତିନିଧିମାନେ ସହରବାସୀଙ୍କ ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ କୁହନ୍ତି, ସେ ମନମାନି କରୁଥିବା ନେଇ ଯେଉଁ ଅଭିଯୋଗ ଆସିଛି, ତାହା ଭିତ୍ତିହୀନ। ତାଙ୍କ ଉପରେ କେହି ରାଗି ନ ଥିବା ସେ ଅନୁଭବ କରୁଥିବା କହିଛନ୍ତି। ସେହିପରି ଟିଫିନ୍ ବିଷୟରେ ପଚାରିବାରୁ ଏହାକୁ ଲୋକଙ୍କୁ ବାଣ୍ଟି ଦେଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ୨ ଟ୍ରାକ୍ଟର ଜବତ



କାମାକ୍ଷାନଗର, ୨୯।୧୦(ଡି.ଏନ୍.ଏ.)- ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଶାସନ ଅରାସାହି ନିକଟ ରାମିଆଳ ନଦୀ ଘାଟରୁ ଶୁକ୍ରବାର ବିଳମ୍ବିତ ରାତିରେ ବେଆଇନ ବାଲି ଚାଲାଣ କରୁଥିବା ବେଳେ ୨ ଟ୍ରାକ୍ଟର ଜବତ ହୋଇଛି। ନଦୀରୁ ରାତିଅଧିଆ ବାଲି ଚାଲାଣ କରାଯାଉଥିବା ସୂଚନା ପାଇ ଅତିରିକ୍ତ ତହସିଲଦାର ଝସକେତନ ନାୟକ ଓ ସହକାରୀ ଜିଲାପାଳ ମଦନମୋହନ ଜେନା ସଦଳବଳ ଚଢ଼ାଉ କରିଥିଲେ। ଡ୍ରାଇଭର ଏବଂ ଅନ୍ୟ କର୍ମଚାରୀମାନେ ଫେରାର ହୋଇଯାଇଛନ୍ତି। ପୋଲିସ ସହାୟତାରେ ଉକ୍ତ ଦୁଇ ଗାଡ଼ିକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଇଛି। ତେବେ ଖବର ଲେଖାଯିବା ସୁଦ୍ଧା ଗାଡ଼ି ମାଲିକ ଅଧିକାରୀଙ୍କୁ ସାକ୍ଷାତ୍ କରିନାହାନ୍ତି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଦୁଇ ଅଧିକାରୀ କହିଛନ୍ତି।

### ମୂଳ ଦରମା ପରିବର୍ତ୍ତନରେ ବିଳମ୍ବକୁ ନେଇ କ୍ଷୋଭ

ଢେଙ୍କାନାଳ ଅଫିସ, ୨୯।୧୦-ଢେଙ୍କାନାଳ କୁଞ୍ଜକାନ୍ତ ନିକଟରେ ଓଡ଼ିଶା ଅମଲା ସଂଘ ଶାଖାର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅରୁଣ କୁମାର ବଳିଆରସିଂଙ୍କ ସଭାପତିତ୍ୱରେ ଜିଲା ଉଚ୍ଚ ଶିକ୍ଷା, ଗଣଶିକ୍ଷା, ରାଜସ୍ୱ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଯୋଗଦେଇଥିଲେ। କନିଷ୍ଠ ସହାୟକଙ୍କ ଦରମା ବୃଦ୍ଧି କିପରି ହେବ, ସେ ନେଇ ଆଲୋଚନା ହୋଇଥିଲା। ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକରୁ ସ୍ନାତକ, କମ୍ପ୍ୟୁଟର ଜ୍ଞାନ ଓ ପଦବୀ ନାମ ପରିବର୍ତ୍ତନ ଭଳି ଦୁଇଟି ଦାବି ପୂରଣ ହୋଇଛି। ମାତ୍ର ଶିକ୍ଷାଗତ ଯୋଗ୍ୟତା ଆଧାରରେ ମୂଳ ଦରମାର ପରିବର୍ତ୍ତନ କରିବାରେ ସରକାର ଅହେତୁକ ବିଳମ୍ବ କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ହୋଇଥିବାରୁ କନିଷ୍ଠ ସହାୟକଙ୍କ ସର୍ବନିମ୍ନ ଦରମା ଲେଭଲ-୯ ହିସାବରେ ପ୍ରଦାନ ପାଇଁ ୨୪ ବିଧାୟକ ସରକାରଙ୍କୁ ସୁପାରିସ କରିଛନ୍ତି। ତଥାପି ଦାବି ପୂରଣ ହେଉ ନ ଥିବାରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ରାଜ୍ୟ ସଂଘକୁ ପ୍ରସ୍ତାବ ଦିଆଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସଂଘ ବୈଠକରେ ଜିଲା ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ପାଇଁ ନିଷ୍ପତ୍ତି ହୋଇଥିବା ସଭାପତି ସୂଚନା ଦେଇଛନ୍ତି।

### ଠକାମିର ଶିକାର ହେଲେ ବ୍ୟବସାୟୀ

ଅନୁଗୋଳ ଅଫିସ,୨୯।୧୦-ଅନୁଗୋଳ ଜିଲା ନାଲକୋ ଥାନା ଅଧୀନ କାଣ୍ଡସର ଗ୍ରାମର ବ୍ୟବସାୟୀ ନାରାୟଣ ସାହୁ ଠକାମିର ଶିକାର ହୋଇଛନ୍ତି। ଏ ନେଇ ସେ ନାଲ୍କୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନାରାୟଣଙ୍କ ଦୋକାନକୁ ଜଣେ ଗ୍ରାହକଙ୍କ ଫୋନ୍ ଆସିଥିଲା। ତାଙ୍କର ଏକ ଇନ୍‌ଭର୍ଟର ଆବଶ୍ୟକ ବୋଲି କହିଥିଲେ। ଏହାପରେ ନାରାୟଣ ଅନୁଗୋଳରୁ ଭୁବନେଶ୍ୱର ଯାଉଥିବା ଏକ ବସ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟକୁ ବ୍ୟାଟେରି ଓ ଇନ୍‌ଭର୍ଟର ପଠାଇଥିଲେ। କିନ୍ତୁ ଯୁବକ ଜଣକ ପାଉଣା ଦେଇ ନ ଥିଲେ। ଏଭଳି କି ସେ ନମ୍ବରକୁ ଫୋନ୍ କଲେ ତାହା ଲାଗୁନାହିଁ ବୋଲି ନାରାୟଣ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବିଷାକ୍ତ ପୋଚ ଖାଇ ଗାଈ ମୃତ

- ତାତିଲେ ଖରଡାଳି ଗ୍ରାମବାସୀ
- ଭାଙ୍ଗିଲେ ଭାଟି, ନଷ୍ଟ କଲେ ପୋଚ

ରାସୋଳ, ୨୯।୧୦(ଡି.ଏନ୍.ଏ.)

ଗ୍ରାମାଞ୍ଚଳ ଜଙ୍ଗଲରେ ଚୋରାରେ ରନ୍ଧାଯାଉଛି ମଦ। ବହୁ ଶହ କୁଇଣ୍ଟାଲ ପୋଚ ପ୍ରସ୍ତୁତ ହେଉଛି। ଏହି ବିଷାକ୍ତ ପୋଚ ଖାଇ ଗାଈ, ବଳଦ ମୃତ୍ୟୁମୁଖରେ ପଡୁଛନ୍ତି। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଅଧୀନ ଖରଡାଳି ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି, ଯାହାକୁ ନେଇ ତାତିଛନ୍ତି ଗ୍ରାମବାସୀ। ମଦ ରନ୍ଧାଯିବା ପାଇଁ ରଖାଯାଇଥିବା ଦୁଇଦିନରେ ପ୍ରାୟ ୭୦୦ କେଜି ପୋଚ ଏବଂ ଅନ୍ୟ ଉପକରଣକୁ ସେମାନେ ନଷ୍ଟ କରିଦେଇଛନ୍ତି। ଅବକାରୀ ବିଭାଗର ନିଷ୍କ୍ରିୟତାରୁ ମଦ ବ୍ୟବସାୟୀମାନେ ସକ୍ରିୟ ହୋଇଉଠିଥିବା ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ତେବେ ଏଥିପ୍ରତି ବିଭାଗ ଦାୟୀ ରହିବ ବୋଲି ଗ୍ରାମ ସଭାପତି ପ୍ରଦୀପ ବେହେରା, ସମ୍ପାଦକ ଟୁକୁନୁ ସାହୁ କହିଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ଗାଁ ନିକଟ ଜଙ୍ଗଲରେ ବିପୁଳ ପରିମାଣର ଦେଶୀ ମଦ ରନ୍ଧାଯାଉଛି। ମଦ ପାଇଁ ଯେଉଁ ପୋଚ ପ୍ରସ୍ତୁତ କରାଯାଉଛି, ସେଥିରେ ବିଭିନ୍ନ ବିଷାକ୍ତ ଉପକରଣ ମିଶ୍ରଣ କରାଯାଉଛି। ଜଙ୍ଗଲକୁ ଚରିବାକୁ ଯାଉଥିବା ଗୋରୁ ଏହାକୁ ଖାଇ ମରୁଛନ୍ତି। ଜଣେ ଚାଷୀଙ୍କ ଏକ ଗାଈର ଏଭଳି ମୃତ୍ୟୁ ଘଟିବା ପରେ ଗ୍ରାମବାସୀ ତାତିଛନ୍ତି। ଗତ ଗୁରୁବାର ସେମାନେ ୫୦୦ ଲିଟର ପୋଚ ନଷ୍ଟ କରିଥିବାବେଳେ ଶୁକ୍ରବାର ୨୦୦ ଲିଟର ପୋଚ, ମଦଭାଟି, ସେଠାରେ ରଖାଯାଇଥିବା ବହୁ ଉପକରଣକୁ ଭାଙ୍ଗି ଦେଇଛନ୍ତି। ଆଗାମୀ ଦିନରେ ମଦବିରୋଧୀ ଅନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ବ୍ଲକ ଅବକାରୀ ଅଧିକାରୀ ହେମନ୍ତ ମହାନନ୍ଦିଆ କୁହନ୍ତି, ଏଭଳି ଘଟଣା ସମ୍ପର୍କରେ ଶନିବାର ସୂଚନା ପାଇଛୁ। ରବିବାର ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଦେଖିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ନଷ୍ଟ କରାଯାଇଥିବା ପୋଚ।

## ଜମିବାଡ଼ି ବିବାଦରୁ ଆକ୍ରମଣ: ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ,୨୯।୧୦

ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ଯୁବତୀଙ୍କୁ ଆକ୍ରମଣ ଘଟଣାରେ ଅନୁଗୋଳ ଥାନା ପୋଲିସ ହୁଲୁରିସିଂହାର ପ୍ରାଣବନ୍ଧୁ ସାହୁ(୪୨)ଙ୍କୁ ଗିରଫ କରିଛି। ତାଙ୍କ ନାବାଳକ ପୁଅଙ୍କୁ ଜୁଭେନାଇଲ ହୋମକୁ ପଠାଇ ଦିଆଯାଇଛି।

ପୋଲିସ କହିଛି, ହୁଲୁରିସିଂହାରେ ଭାରତୀ ସାହୁ ତାଙ୍କ ଭାଇଙ୍କ ଝିଅ ସହ ରହୁଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ଗତ ଶୁକ୍ରବାର ଭାରତୀଙ୍କ ଘରେ ପଶି ପ୍ରାଣବନ୍ଧୁ ଆକ୍ରମଣ କରିଥିଲେ। ଏ ନେଇ ସେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୭୩/୨୨ରେ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ପ୍ରଭାତ ତ୍ରିପାଠୀ ପ୍ରକାଶ କରିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା



ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସାତମାଇଲ, ୨୯।୧୦(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ମାଧପୁର ପଞ୍ଚାୟତ କନ୍ତକୁଳସ୍ଥିତ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଶନିବାର ସହକାରୀ ଶିକ୍ଷୟିତ୍ରୀ ମିନିବାଳା ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ଦିବାକର ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ବିରଞ୍ଚି ନାରାୟଣ ସାମଲ, ସମ୍ମାନିତ ଅତିଥି ଉପସଭାପତି ବିଦ୍ୟାଧର ବେହେରା, ଉପଦେଷ୍ଟା ସଞ୍ଜୟ ଦେହୁରୀ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ତାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭକ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ନାଏକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ସମୟରେ ନୂଆବଗ କ୍ଲଷ୍ଟରର ସମସ୍ତ ସଂଯୋଜକ, ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ସିଆରସିସି ମିଲୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାରେ ବାଲ୍ୟବିବାହ ହାର ରାଜ୍ୟଠୁ ଅଧିକ

### ଗଡ଼ିଲା ବାଲ୍ୟବିବାହ ନିବାରଣ ସଚେତନତା ରଥ

ଢେଙ୍କାନାଳ ଅଫିସ, ୨୯।୧୦

ଢେଙ୍କାନାଳ ଜିଲାରେ ବାଲ୍ୟବିବାହ ହାର ରାଜ୍ୟଠାରୁ ଅଧିକ ରହିଛି। ଓଡ଼ିଶାରେ ଏହା ୨୦% ଥିବାବେଳେ ଏଠାରେ ଏହା ୨୩.୭%। ଏଭଳି ସାମାଜିକ ବ୍ୟାଧି ପାଇଁ ଜିଲା ଦୁର୍ନାମ ମୁଣ୍ଡାଇଥିବାବେଳେ ଏହାକୁ ଯଥାସମ୍ଭବ ହ୍ରାସ କରିବା ଲାଗି ଶନିବାରଠାରୁ ଗଡ଼ିଛି ବାଲ୍ୟ ବିବାହ ନିବାରଣ ଓ ମହିଳା ହିଂସା ବିରୋଧୀ ସଚେତନତା ରଥ। ଜିଲା କାର୍ଯ୍ୟାଳୟ ପରିସରରେ ଜିଲାପାଳ ସରୋଜ କୁମାର ସେଠୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

ଏହି ରଥ ଜିଲାର ସମସ୍ତ ବ୍ଲକ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ଜିଲାପାଳ କହିଲେ, କେବଳ ବାଲ୍ୟ ବିବାହ ନୁହେଁ, ଜିଲାରେ ମହିଳା ହିଂସା ମଧ ଘଟୁଛି। ବାଲ୍ୟ ବିବାହ ଓ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଉଭୟ ସମାଜ ପାଇଁ କଳଙ୍କ। ଏହାର ମୂଳୋତ୍ପାଟନ ପାଇଁ ନିୟମିତ ଜନ ସଚେତନତାର ଆବଶ୍ୟକତା ରହିଛି। ଏଥିସହ ଶିଶୁ ଶ୍ରମିକ ପ୍ରଥା, କନ୍ୟାଭ୍ରୂଣ ହତ୍ୟା, ଶିଶୁ ନିର୍ଯ୍ୟାତନାକୁ ସମ୍ପୂର୍ଣ୍ଣ ବିଲୋପ କରିବା ପାଇଁ ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି। ଦେଶରେ ବାଲ୍ୟ ବିବାହ ଦଣ୍ଡନୀୟ ଅପରାଧ। କମ୍ ବୟସରେ ବିବାହ ଦାମ୍ପତ୍ୟ ଜୀବନକୁ ପ୍ରଭାବିତ କରେ। ଅଧାରୁ ପାଠପଢା ବନ୍ଦ ହୋଇଯାଏ। କମ ବୟସରେ ମାତୃତ୍ୱ ଲାଭ, ଘରୋଇ ହିଂସା, ଆର୍ଥିକ ଓ ପାରିବାରିକ ସମସ୍ୟା ବଢ଼ିଥାଏ। ସର୍ବୋପରି ଶିଶୁ ଓ ମାତୃ ମୃତ୍ୟୁହାର ବୃଦ୍ଧି ଆଶଙ୍କା ବେଶି। ଏହାକୁ ରୋକିବା ଲାଗି ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଜରୁରୀ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ମଠକରଗୋଳା କଲେଜ ଛାତ୍ରୀଙ୍କ କୃତିତ୍ୱ

କାମାକ୍ଷାନଗର, ୨୯।୧୦(ଡି.ଏନ୍.ଏ.)

ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାରେ ଢେଙ୍କାନାଳ ଜିଲା ମଠକରଗୋଳା କଲେଜର ୪ ଜଣ ଛାତ୍ରୀ କୃତିତ୍ୱ ଅର୍ଜନ କରିଛନ୍ତି। ଅର୍ଥନୀତି ସମ୍ମାନରେ ଅନିତା ମଞ୍ଜରୀ ପାତ୍ର ୨ୟ, ଶିକ୍ଷା ବିଭାଗରେ ସନ୍ଧ୍ୟାବତୀ ପାଣି ୫ମ, ଦର୍ଶନ ଶାସ୍ତ୍ର ସମ୍ମାନରେ ଝୁନା ରାଉଳ ୬ଷ୍ଠ ଏବଂ ରୁପାଲି ନାୟକ ୭ମ ସ୍ଥାନ ଅଧିକାର କରିଥିବା ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଏହା ଜଣାପଡ଼ିବା ପରେ ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକ, ବୁଦ୍ଧିଜୀବୀ ଏବଂ ଛାତ୍ରୀଛାତ୍ରଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଅଧ୍ୟକ୍ଷ ଦାଶ ସମ୍ପୃକ୍ତ ମେଧାବୀ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ରୁପାଲି ନାୟକ।



ସନ୍ଧ୍ୟାବତୀ ପାଣି।



ଅନିତା ମଞ୍ଜରୀ ପାତ୍ର।



ଝୁନା ରାଉଳ।

## ବିବାହିତା ନାବାଳିକାଙ୍କୁ ନିର୍ଯ୍ୟାତନା ଅଭିଯୋଗ

ଅନୁଗୋଳ ଅଫିସ, ୨୯।୧୦

ଅନୁଗୋଳ ଜିଲା ଏନ୍‌ଟିପିସି ଥାନା ଟୋଲକବେଢ଼ା ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକା ତାଙ୍କ ସ୍ୱାମୀଙ୍କ ବିରୋଧରେ ନିର୍ଯ୍ୟାତନା ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୭୦/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ୨୦୨୧ରେ ଦେବଗଡ଼ ଜିଲା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ ଟୋଲକବେଢ଼ା ହର୍ଷିଂର କୁନା ମାଣ୍ଡିଙ୍କୁ ବିବାହ କରିଥିଲେ। ବିବାହ ପରେ ସେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଛନ୍ତି। ଏପରିକି ସେ ତାଙ୍କୁ ଛାଡ଼ି କେଉଁ ଆଡ଼େ ଚାଲିଯାଇଥିବା ନାବାଳିକା ଜଣଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ସରାକପାଟଣାରେ କାଳୀପୂଜା



ସରାକପାଟଣା ଗ୍ରାମରେ କାଳୀପୂଜା।

ଢେଙ୍କାନାଳ ଅଫିସ,୨୯।୧୦

ଢେଙ୍କାନାଳ ସଦର ବ୍ଲକ ସରାକପାଟଣା ଗ୍ରାମରେ କାଳୀପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଷ୍ଣୁ ପ୍ରସାଦ ଲେଙ୍କା, ଲକ୍ଷ୍ମୀଧର ଦଳେଇ, ମଧୁସୂଦନ ଜେନା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଡ୍ରାଇଭରଙ୍କ ଦଣ୍ଡବତ ଯାତ୍ରା

ଢେଙ୍କାନାଳ ଅଫିସ, ୨୯।୧୦

ବହୁବାର ଦାବି, ଆନ୍ଦୋଳନ ସତ୍ତ୍ୱେ ଓଡ଼ିଶା ଡ୍ରାଇଭର ମହାସଂଘର ୯ଦଫା ଦାବି ପୂରଣ କରୁନାହାନ୍ତି ରାଜ୍ୟ ସରକାର। ଏହାର ପ୍ରତିବାଦରେ ଗତ ୧୮ ତାରିଖରୁ ଆରମ୍ଭ ହୋଇଛି ଦଣ୍ଡବତ ଯାତ୍ରା। ମହାସଂଘ ସଦସ୍ୟମାନେ ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀଙ୍କ ମନ୍ଦିରରୁ ୫୫ନଂ. ଜାତୀୟ ରାଜପଥରେ ଦଣ୍ଡବତ ଯାତ୍ରା କରି ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ଏଭଳି ପ୍ରତିବାଦ କରି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବେ। ଶନିବାର ଦଣ୍ଡବତ ଯାତ୍ରାରେ ସାମିଲ ହୋଇଥିବା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ ପହଞ୍ଚିଛନ୍ତି। ଡ୍ରାଇଭରଙ୍କ ଦାବି ପୂରଣ ନ କରାଗଲେ, ଆଗାମୀଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି, ସମ୍ପାଦକ ଚୈତନ୍ୟ ପ୍ରଧାନ, ଉପସଭାପତି ସୋମନ ଆଲଟିଆ, ସହ ସମ୍ପାଦକ ଘନଶ୍ୟାମ ବେହେରା, ମାନସ ଦେବତା, କୋଷାଧ୍ୟକ୍ଷ ଆଦିତ୍ୟ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।



ଦଣ୍ଡବତ ଯାତ୍ରା କରି ଅଭିନବ ପ୍ରତିବାଦ।

## ମହାବାତ୍ୟାରୁ ମିଳିଛି ବିପର୍ଯ୍ୟୟ ମୁକାବିଲା ଶିକ୍ଷା

- ଓଡ୍ରାଫ୍ କାର୍ଯ୍ୟକୁ ବିଦେଶରେ ମିଳୁଛି ପ୍ରଶଂସା
- ଦୃଢ଼ମନା ହୋଇ କାର୍ଯ୍ୟ କରିବାକୁ ପରାମର୍ଶ

ଢେଙ୍କାନାଳ ଅଫିସ, ୨୯।୧୦

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ-୨୦୨୨ ପାଳିତ ହୋଇଯାଇଛି। ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଆପାତକାଳୀନ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ୧୯୯୯ ମହାବାତ୍ୟା ବିପର୍ଯ୍ୟୟ ସଫଳ ମୁକାବିଲା କରିବା ପାଇଁ ଶିକ୍ଷା ଦେଇଛି। ଓଡ଼ିଶା ଓଡ୍ରାଫ୍‌ର ସମୟୋଚିତ ପ୍ରସ୍ତୁତି ଓ ମୁକାବିଲାକୁ ଦେଶବିଦେଶରେ ପ୍ରଶଂସା ମିଳୁଛି। ତଥାପି ରାଜ୍ୟରେ ମହାବାତ୍ୟା ପରଠାରୁ ଅଦ୍ୟାବଧି ୩୦,୦୦୦ କୋଟି ଟଙ୍କାର ସମ୍ପତ୍ତି ଓ ବହୁ ଅମୂଲ୍ୟ ଜୀବନ ନଷ୍ଟ ହୋଇଛି। ତେଣୁ ବିପର୍ଯ୍ୟୟର ମୁକାବିଲା ପାଇଁ ସଦସର୍ବଦା ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ବଜ୍ରାଘାତ, ପାଣିରେ ବୁଡ଼ି, ସାପ କାମୁଡ଼ାରେ ମୃତ୍ୟୁ ଘଟିଲେ ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ଦୃଢ଼ମନା ହୋଇ ସବୁ ପରିସ୍ଥିତିର ସମ୍ମୁଖୀନ ହୋଇ ସ୍ୱପ୍ନକୁ ସାକାର କରିବାକୁ ଜିଲାପାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଓଡ୍ରାଫ୍‌ର ଡେପୁଟି କମାଣ୍ଡାଣ୍ଟ ମନୋଜ କୁମାର ଦାସ ଓଡ୍ରାଫ୍‌ର ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ଦାୟିତ୍ୱ, ଉଦ୍ଧାର କାର୍ଯ୍ୟ ଏବଂ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ବିଭାଗ ପକ୍ଷରୁ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଦିଆଯାଉଥିବା ପ୍ରଶିକ୍ଷଣ ବିଷୟରେ ଅବଗତ କରାଇଥିଲେ।

ଏହି ଉପଲକ୍ଷେ ଜିଲାର ସମସ୍ତ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସଦ୍‌ଭାବନା ସଭାଗୃହଠାରେ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମସ୍ତ ଛାତ୍ରୀଛାତ୍ର ଓ ଓଡ୍ରାଫ୍ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଓସ୍‌ଡମାର ଡିଆରଆର କନସଲଟାଣ୍ଟ ସଙ୍ଗୀତା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ଜିଲା ଆପାତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ ଧନ୍ୟବାଦ ଦେଇଥିଲେ।





ଜିଲାପାଳ ଓଡ୍ରାଫ୍ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି।

